# Akashvani, Sambalpur

# SAMBALPURI NEWS BULLETIN

## 6 March 2025- 6.47- 6.52 am.

**********************************************

ସୁଭଦ୍ରା ସାହାଜ- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ଆଏଜ୍ ୧ ଲାଖ୍ ୮୦ ହଜାର ମହିଳା ହିତାଧିକାରୀଙ୍କୁ ସାହଜ୍ ଟଙ୍କା ବଂଟାଯିବା । ଭୁବନେଶ୍ୱର୍ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ସମ୍ମିଲନୀ କକ୍ଷ ଠାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଭାସୀ ଜରିଏ ବାଂଟ୍‌ବେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ କହିଛନ୍, ସୁଭଦ୍ରା ଯୋଜ୍‌ନାର ସାହାଜ୍ ଟଙ୍କା ପାଏବାର୍‌ନୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ଖୁଜି କରି ବାହାର୍ କରାଯିବା ଆଉ ସେମାନଙ୍କୁ ସାହାଜ୍ ଟଙ୍କା ବଂଟାଯିବା । ଆଏବା ୩୧ ତାରିଖ ଆବେଦନ୍ ପ୍ରକ୍ରିୟାକେ ବନ୍ଦ କରି କରି ସର୍ଭେ କରାଯିବା । ବିଭାଗୀୟ ଅଧିକାରୀମାନେ ଘର୍ ଘର୍ ଯାଇକରି ସର୍ଭେ କର୍‌ବେ । ସର୍ଭେ ଉତ୍‌ରୁ ଯେନ୍‌ମାନେ ବାଦ୍

ପଡ଼୍‌ବେ ରାକ୍ଷୀ ପୁନି ବେଲ୍‌କେ ୩ଟା କ୍ସ୍ତିଥି ସାହାଜ୍ ଟଙ୍କା ପାଏବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ରେଲ୍‌ଲାଇନ୍ ତରାଥି ବାଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଲ୍‌ଲାଇନ୍‌ର ସୁରକ୍ଷାକେ ବଢ଼ାବାର୍ ଲାଗି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ରେଲ୍‌ଲାଇନ୍ ତରାଥି ସୁରକ୍ଷା ବାଡ଼ା ବ୍ୟବସ୍ଥା କରାଯିବା । ମୋଟ୍ ୨ ହଜାର୍ ୭ ଶହ ୯୨ କିଲୋମିଟର୍ ସୁରକ୍ଷା ବାଡ଼ା ବନାବାର୍ ଲାଗି ପୂର୍ବତଟ ରେଲ୍‌ବାଇ ୮ ଶହ ୬୫ କୋଟି ଟଙ୍କା ଖର୍ଚ୍ଚା କର୍‌ବାର୍‌କେ ଯୋଜ୍‌ନା କରିଛେ । ରେଲ୍‌ଲାଇନ୍ ତରାଥି ବାଡ଼ା ଦିଆହେଲେ ଟ୍ରେନ୍ ଚଲାଚଲ୍ ସୁରକ୍ଷିତ୍ ହେଇପାର୍‌ବାର୍ ସହେତେ ରେଲ୍‌ଲାଇନ୍ ଭିତର୍‌କେ ସହଜେ କେହି ପଶି ନାଇଁପାରନ୍ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ୮ ଶହ ୩୦ କିଲୋମିଟର୍ କାମ୍ ଭିତ୍‌ରୁ ୪ ଶହ ୬୮ କିଲୋମିଟର୍‌ର ବାଡ଼ା ଲାଗି ୨ ଶହ ୮୮ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ଇଥି ସର୍‌ଲା ରୋଡ୍- ବଲାଙ୍ଗିର୍ ରେଲ୍‌ଲାଇନ୍ ସେକ୍ସନ୍‌ଥି ଶହେ ୨୪ କିଲୋମିଟର୍ ଆର୍ ଝାର୍‌ସୁଗୁଡ଼ା ରୋଡ୍- ସମ୍ବଲ୍‌ପୁର୍‌ସିଟି- କେର୍‌ଜଙ୍ଗ୍ ରୋଡ୍‌ର ୩ ଶହ ୪୪ କିଲୋମିଟର୍ ସାମିଲ୍ ଅଛେ ।

ସେନ୍ତା ବଲାଙ୍ଗିର୍- ଥେରୁବାଲି - ସିଙ୍ଗାପୁର୍ ରୋଡ଼୍ ରେଲ୍‌ସେକ୍ସନ୍ ଭିତ୍‌ରେ ରେଲ୍‌ଲାଇନ୍ ତରାଥି ବାଡ଼ା ଦେବାର୍ ଲାଗି ୨ ଶହ ୭ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବ୍ରିଟେନ୍ ପାର୍ଲ୍ୟାମେଂଟ୍ ପରିସର୍ ନ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍‌ର ରୌପ୍ୟଜୟନ୍ତୀ ସମାରୋହ ଅନୁଷ୍ଠିତ୍ ହେଇଯାଇଛେ । ସମାରୋହଥି ଓଡ଼ିଆ, ସଂସ୍କୃତ, ଅହମିଆ, ବଙ୍ଗାଲୀ, ପଞ୍ଜାବୀ, ଗୁଜରାତୀ, ତାମିଲ୍ ଭାଷା ସହେତେ ବହୁତ୍‌ଟେ ଭାରତୀୟ ଭାଷା ପ୍ରତିନିଧିତ୍ୱ କରିଥିଲା । ଇତାର୍ ସହେତେ ନେପାଲ୍, ଭୂଟାନ୍, ଶ୍ରୀଲଙ୍କା ଆଉ୍ ମାଲ୍‌ଦୀପ୍ ବାଗିର୍ ଦକ୍ଷିଣ ପୂର୍ବ ଏସିଆର୍ ୨୫ ଟା ଭାଷା ଆର୍ ପ୍ରତିନିଧି ମାନେ ଜୋଟ୍ ହେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ଭାଷା ଆଧାରିତ୍ ଗୁଟେ ପତ୍ରିକା ବାହାର୍ କରାଯାଇଥିଲା । ପତ୍ରିକାଥି ବିଭୂତି ଭୂଷଣ୍ ପଟ୍ଟନାୟକ୍‌ଙ୍କର୍ ଲୋକପ୍ରିୟ କବିତା 'ଜନନୀ ମୋ ଜନ୍ମଭୂମି ଓଡ଼ିଶା' ଠାନ୍ ପାଇଛେ । ଭାରତ୍‌ର ୨ ଶହ ଟା ଭାଷା ଲୋପ୍ ପାଏବାର୍ ଉପ୍‌ରେ ଅଛେ । ଇତାର୍ ସୁରକ୍ଷା ଦିଗେ କାମ୍ କର୍‌ବାର୍‌କେ ସମ୍ମିଳନୀଥି ଆଲୋଚନା ହେଇଥିଲା ।

ପଂଚାୟତିରାଜ୍ ମନ୍ତ୍ରୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ ପ୍ରଧାନ୍ ଆବାସ ଯୋଜ୍‌ନା, ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଆର୍ ମେଗା ପିଇବାର୍ ପାଏନ୍ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିଥିଲେ । ଆବାସ ଯୋଜ୍‌ନାର୍ ଠିକ୍ ସର୍ଭେ କରାଯାଇକରି ପ୍ରକୃତ୍ ହିତାଧିକାରୀଙ୍କୁ ସାହାଜ୍ ଦେବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଖରା ସମିଆକେ ଲୁକେ ଯେନ୍ତା ପାନିର୍ ଲାଗି ଗୁଲ୍‌ଗୁଲା ନାଇଁ ହେବେ ସେଥିର୍‌ଲାଗି ନଲ୍‌କୂଅାଁ ସାଜ୍‌ବାର୍, ଜଲ୍‌ଉତ୍ସମାନ୍‌କର୍ ପୁନରୁଦ୍ଧାର୍ ଆର୍ ପିଇବାର୍ ପାଏନ୍ ପ୍ରକଳ୍ପମାନ୍‌କର୍ ତଦାରଖ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁଭଦ୍ରା ଶକ୍ତି ମେଳା/ରାଲି    ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ପ୍ରଶାସନ୍ ତର୍‌ଫୁ ସହରର୍ ପିଏଚ୍‌ଡି ପଡ଼ିଆଠାନେ ଗଲାକାଏଲ୍ ନୁ ଜୋନ୍ ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ୨୦୨୫ ମୁଲ୍ ହେଇଛେ । ଇ ମେଳା ଆଏବା ୧୧

ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ରାଏଜର ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ମହିଲା ସ୍ୱୟଂ ସହାୟକ୍ ଗୋଷ୍ଠୀମାନଙ୍କର ଉତ୍ପାଦିତ୍ ଭିନ୍ ଭିନ୍ ଦରବ୍ ପ୍ରଦର୍ଶିତ୍ ଆଉ ବିକ୍ରିବଟା ମୁଲ୍ କରୁଛନ୍ । ଇତାର୍‌ଛଡ଼ା ୫ ଦିନ ସଂଜବେଲେ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ମାନ ଭିଲ୍ ହଉଛେ ।

ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ ।

ମହିଲା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର/ ଦେବ୍‌ଗଡ଼୍

ସମ୍ବାଦଦାତା

ପୁରୁଷ୍ ପ୍ରଧାନ୍ ମାନ୍‌ସିକ୍‌ତାଠାନୁ ଆଗ୍‌କେ ବଢ଼ିକରି ଆଏଜ୍ ସମାଜର୍ ସବୁକ୍ଷେତ୍ରଥି ମହିଲାମାନେ ପୁରୁଷ୍‌ମାନଙ୍କର ସାଙ୍ଗେ ଆଗ୍‌କେ ବଢୁଛନ୍ । ଯୁଦ୍ଧ ବିମାନ୍ ଉଡ଼ାବାର୍‌ଠାନୁ ମୁଲ୍ କରି କରି ରେଲ୍‌ଗାଡ଼ି ଚଲାବାର୍ ତକ୍ ସବୁ କ୍ଷେତ୍ରଥି ସେମାନଙ୍କୁ ଆଗାଡ଼େ ଦେଖ୍‌ବାର୍‌କେ ମିଲୁଛେ । ଆଏଜ୍ ପୁର୍‌ଥିନ ମହିଲାମାନେ କେତ୍‌ନିକେତେ କମ୍ପାନୀର୍ ନେତୃତ୍ୱ ଭିଲ୍ ନଉଛନ୍ । ମହିଲାମାନଙ୍କର୍ ଅଦମ୍ୟ ଶକ୍ତିକେ ଶୁର୍‌ତା କରି କରି ସେମାନଙ୍କ ଉତ୍ସାହକେ ତହଁକାବାର୍ ଲାଗି ୫ ବଛର ମାର୍ଚ୍ଚ ୮ ତାରିଖ ଦିନ

ସାରା ପୁର୍‌ଥିନ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଳନ୍ କରାଯାଉଛେ । ଖଲିଦନା ତିଆର୍ କରିକରି ସ୍ୱାବଲମ୍ବୀ ହେଇକରି ଆଉ ମହିଳାମାନ୍‌କୁ ରୋଜ୍‌ଗାର୍ ଦେଇଥିବା ଦେବ୍‌ଗଡ୍ ଜିଲ୍ଲା କାଉଁସିବାହାଲ୍ ଗାଁର୍ ସୁମିତ୍ରା ବେହେରାଙ୍କୁ ଇ ଅବ୍‌ସରେ ନାବାର୍ଡ଼ ତର୍‌ଫୁ ସମ୍ମାନିତ୍ କରାଯିବା । ସେ ତାଙ୍କର ଅନୁଭୂତି ଆମର ସାଙ୍ଗେ ବାଂଟିକରି କହିଛନ୍...

(ଭଏସ୍ ଓଭର- ସୁମିତ୍ରା ବେହେରା)

ଭତା ଆର୍ ପଟ୍ଟା ବଂଟନ୍ କାର୍ଯ୍ୟକ୍ରମ୍       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା କାର୍ଯ୍ୟାଳୟ ଠାନେ ଭତା ଆର୍ ପଟ୍ଟା ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସର୍‌କାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନୂତନ ମଧୁବାବୁ ପେନ୍‌ସନ୍ ଯୋଜ୍‌ନାଥି ଭତା ଆଉ ବସୁନ୍ଧରା ଯୋଜ୍‌ନାଥି ଭୂମିହୀନ ମାନ୍‌କୁ ଘର ଲାଗି ପଟ୍ଟା ବାଂଟିଛନ୍ । ଇ ଅବ୍‌ସରେ ଜିଲ୍ଲା ଆର୍ ବ୍ଲକ୍‌ର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।